## ମହିଳାଙ୍କୁ ଯୌତୁକ ନିର୍ଯାତନା

କୁଆମରା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଗେଣ୍ଡାଗଡ଼ିଆ ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ଶାଶୁ ଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ଥାନାରେ ଅଭିଯୋଗ ହୋଇଛି। ୧୦ ବର୍ଷ ତଳେ ବରହମପୁର ଥାନା ଅନ୍ତର୍ଗତ ନରଣପୁର ଗ୍ରାମର ପାର୍ବତୀ ବେହେରାଙ୍କ ସହ ଗେଣ୍ଡାଗଡ଼ିଆ ଗ୍ରାମର ନାରାୟଣ ସାହୁଙ୍କ ପୁଅ ଲିହିର ଲୋଚନଙ୍କର ବିବାହ ହୋଇଥିଲା। ବିବାହ ପରେ ଅଧିକ ଯୌତୁକ ପାଇଁ ଶାଶୁ ଘର ଲୋକେ ପାର୍ବତୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଏକ ମାମଲା(ନଂ.୨୭୩/୨୨) ରୁଜୁ କରି ତଦନ୍ତ ଚଳାଇଛି।

## ଆଜି କ'ଣ କେଉଁଠି

**ଭଦ୍ରକ**

- ଧାମନଗର ଉପନିର୍ବାଚନ ପାଇଁ କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ, ସ୍ଥାନ: ଭଦ୍ରକ ବ୍ଲକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧୨ଟା ୩୦।
- ଚୂଡ଼ାମଣି ପଞ୍ଚାୟତ ସମିତିସଭ୍ୟ ଉପନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଯାଞ୍ଚ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ଭାଜପାର ସାଙ୍ଗଠନିକ ବୈଠକ, ସ୍ଥାନ: ପାଳସାହି, ଧାମନଗର, ସମୟ: ସନ୍ଧ୍ୟା ୬ଟା।

**କେନ୍ଦୁଝର**

- ଜିଲାସ୍ତରୀୟ ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ୨୦୨୨ ଓ ଆନ୍ତଃସ୍କୁଲ ବାଳିକା ଓ ବାଳକ ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଘାଟନୀ। ସ୍ଥାନ: କେନ୍ଦୁଝର ଷ୍ଟାଡିୟମ। ସମୟ: ଅପରାହ୍ନ ୩.୦୦

# ପଦଯାତ୍ରା ମାଧ୍ୟମରେ ଗୁରୁମନ୍ତ୍ର

ଧାମନଗର,୧୨।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଉପନିର୍ବାଚନ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ତତ୍ପରତା ଦେଖାଦେଇଛି। ବିଜେଡି ଧାମନଗର ବ୍ଲକରେ ଜନସମ୍ପର୍କ ପଦଯାତ୍ରା ଓ ସଭା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରୁଛି। ଏଥିସହ ପଦଯାତ୍ରା ନାଁରେ ବିଭିନ୍ନ ମନ୍ତ୍ରୀ ଓ ନେତାଙ୍କୁ ଆଣି ବିଜେଡି ସଭା କରି ପରୋକ୍ଷରେ ଦଳୀୟ ନେତା ଓ କର୍ମୀଙ୍କୁ ଉପନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେଉଥିବା ଚର୍ଚ୍ଚା ହେଉଛି। ବୁଧବାର ଧାମନଗର ଏନ୍‌ଏସିରେ ଦକ୍ଷିଣବାଡ଼ ଛକରୁ ପଦଯାତ୍ରା ବାହାରି ସାହି, ବସ୍ତି, ବଜାର ପରିକ୍ରମା କରିଥିଲା। ଏହାପରେ ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମଠାରେ ନଗର ସଭାପତି ସୁଶାନ୍ତ ରାଉତଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ପଣ୍ଡା, ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଯାଜପୁର ବିଧାୟକ ପ୍ରତିନିଧି ଭବପ୍ରସାଦ ଦାସ, ରାଜ୍ୟସଭା ସଦସ୍ୟ ମୁନ୍ନା ଖାଁ, ବିଜେଡିର ଭଦ୍ରକ ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଅସୁରାଳି ଜୋନ୍ ଜିଲା ପରିଷଦ ସଦସ୍ୟ ସାରଦା ପ୍ରସନ୍ନ ସାହୁ, ଧାମନଗର ବ୍ଲକ ସଭାପତି ଉମେଶ ମହାନ୍ତି, ପ୍ରତାପ ସାମଲ, ମଳୟ ଜେନା, ସରୋଜ ମହାପାତ୍ର, ଯୁବ ସଭାପତି ଭାରତ ବିଜୟ ଦଳେଇ, ପ୍ରଦୀପ ମହାପାତ୍ରଙ୍କ ସହ କାଉନସିଲର, ସରପଞ୍ଚ, ସମିତିସଭ୍ୟ, ଦଳୀୟ କର୍ମକର୍ତ୍ତା ପ୍ରମୁଖ ସଭାରେ ଯୋଗ ଦେଇଥିଲେ।



ଧାମନଗର ଏନ୍‌ଏସି ମିନିଷ୍ଟାଡିୟମରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ, ବିଜେଡି ନେତା ଓ ଅନ୍ୟମାନେ।

**ସଭାରେ ଯୋଗଦେଲେ ମନ୍ତ୍ରୀ, ବିଧାୟକ**

## ବଜ୍ରପାତରେ ୨ ମୃତ

ଆନନ୍ଦପୁର/ମୋରଡ଼ା,୧୨।୧୦(ସ୍ୱ.ପ୍ର./ଡି.ଏନ.ଏ.): କେନ୍ଦୁଝର ଜିଲା ଘସିପୁରା ଓ ମୟୂରଭଞ୍ଜ ଜିଲା ମୋରଡ଼ା ଅଞ୍ଚଳରେ ବୁଧବାର ବଜ୍ରପାତରେ ଜଣେ ମହିଳାଙ୍କ ସମେତ ୨ଜଣଙ୍କ ମୃତ୍ୟୁ ହୋଇଛି। ଘସିପୁରା ଥାନା ଅଧୀନ କଲରାଗଡ଼ିଆ ଗ୍ରାମର ଶ୍ରୀରାମ ନାଇକ ସନ୍ଧ୍ୟାରେ ଶୌଚ ହେବାକୁ ନିକଟସ୍ଥ ପଡ଼ିଆକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଲେ। ସେହିପରି ମୋରଡ଼ା ତହସିଲ ଅଧୀନ ଚଢେଇଗାଁ ପଞ୍ଚାୟତର ମହୁଲକୁଣ୍ଡିଆ ଗ୍ରାମରେ ଅପରାହ୍ନରେ ବଜ୍ରାଘାତ ଯୋଗୁ ପରେଶ ସିଙ୍ଗ ସ୍ତ୍ରୀ ପଦ୍ମିନୀ ସି (୪୫)ଙ୍କ ମୃତ୍ୟୁ ହୋଇଛି। ସେ ଗ୍ରାମର ଅନ୍ୟ କେତେଜଣ ମହିଳାଙ୍କ ସହ ଛେଳି ଚରାଇବା ପାଇଁ ଯାଇଥିଲା ବେଳେ ବଜ୍ରପାତରେ ଟଳି ପଡ଼ିଥିଲେ।

## ସମସ୍ତ ଜୋନ୍‌ର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

### ବାରିପଦା ଆର୍‌ସିଏମ୍‌ଏସ୍ ନିର୍ବାଚନ

ବାରିପଦା ଅଫିସ,୧୨।୧୦- ମୟୂରଭଞ୍ଜ ଜିଲା ବାରିପଦା ଆଞ୍ଚଳିକ ସମବାୟ ବାଣିଜ୍ୟ ସମିତି (ଆର୍‌ସିଏମ୍‌ଏସ) ପରିଚାଳନା ପରିଷଦର ଥିବା ସମସ୍ତ ୧୫ଟି ଜୋନ୍‌ରୁ ଜଣେ ଲେଖାଏ ନିର୍ଦ୍ଦେଶକ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ତୁଷାରକାନ୍ତି ମହାନ୍ତି ଏବଂ ସହକାରୀ ନିର୍ବାଚନ ଅଧିକାରୀ ସମବାୟ ନିରୀକ୍ଷକ ଚୈତନ୍ୟ କୁମାର ସୋରେନ, ଆର୍‌ସିଏମ୍‌ଏସ୍‌ର ସମ୍ପାଦକ ସମବାୟ ନିରୀକ୍ଷକ ସୁକୁରାମ ସିଂ ନିର୍ବାଚନ ପରିଚାଳନା କରିଥିଲେ। ନିର୍ବାଚିତ ପ୍ରାର୍ଥୀମାନେ ହେଲେ ଲକ୍ଷ୍ମଣ କୁମାର ସୋରେନ, ବୈଲୋଚନ ନାଏକ, ଭାରତୀ ନାଏକ, ସଞ୍ଜୟ କୁମାର ମହାନ୍ତ, ସୁକଦେବ ନାଏକ, ସୁବୋଧ ଚନ୍ଦ୍ର ସିଂ, ଗୌରହରି ନାଏକ, କାଶୀନାଥ ସିଂ, ଦ୍ରୌପଦୀ ସାହୁ, ଦୁର୍ଗାମଣି ଆଚାର୍ଯ୍ୟ, ଆଶାଲତା ନାଏକ, ଭାଗିରଥ ଦାସବାବୁ, ବୈଦ୍ୟନାଥ ରଥ, ଅନୁରେଖା ବଳିଆରସିଂ ଏବଂ ଦେବୀଦତ୍ତ ଦାଶ।

## 'ଜିଲା, ଅଞ୍ଚଳର ଉନ୍ନତି ପାଇଁ ଏକତା ଜରୁରୀ'

ବାଲେଶ୍ୱର ଅଫିସ, ୧୨।୧୦

ବାଲେଶ୍ୱରଠାରେ ଜିଲା ଡମ୍ପର ମାଲିକ ମହାସଂଘ' ପକ୍ଷରୁ ଏକ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବେ ପୂର୍ବତନ ଏମ୍‌ପି ତଥା ବିଜେଡି ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଜିଲା, ଅଞ୍ଚଳ ଓ ନିଜର ଉନ୍ନତି ପାଇଁ ଏକତାର ଆବଶ୍ୟକ ଉପରେ ଗୁରୁତ୍ୱ ଦେଇଥିଲେ। ରାସ୍ତା, କୋଠାଘର, ପୋଲ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ବାଲି ଓ ପଥର ଖାଦାନଗୁଡ଼ିକର ଅନୁମତି ସରକାରୀସ୍ତରରେ ବନ୍ଦ ହୋଇଯାଉଛି। ଏଥିପାଇଁ ସରକାର ଏପରି ନିୟମ ତିଆରି କରିବା ଦରକାର ଯାହା ଲୋକଙ୍କ ହିତରେ ଲାଗିବ ଏବଂ ଉନ୍ନତିମୂଳକ କାର୍ଯ୍ୟ ଠିକ୍ ଭାବେ କରାଯାଇପାରିବ। ସେଥିପାଇଁ 'ବାଲେଶ୍ୱର ଜିଲା ଡମ୍ପର ମାଲିକ ମହାସଂଘ'ର ସଦସ୍ୟମାନେ ଜିଲା ପ୍ରଶାସନକୁ ଜଣାଇବାର ଆବଶ୍ୟକତା ରହିଥିବା ପ୍ରକାଶ କରିଥିଲେ। ମହାସଂଘ ସଭାପତି କାର୍ତ୍ତିକ ଚନ୍ଦ୍ର ପ୍ରଧାନ ବୈଠକରେ ସଭାପତିତ୍ୱ କରିଥିଲେ। ଜିଲାର ପଥର, ବାଲି ଓ ମୋରମ ଖାଦାନ ବନ୍ଦ କାରଣରୁ ଯାଜପୁର ଜିଲାରୁ ଉକ୍ତ ସାମଗ୍ରୀ ଅଣାଯାଇ କାର୍ଯ୍ୟ ଜାରି ରହିଛି। ଏଥିଯୋଗୁ ଅଧିକ ଖର୍ଚ୍ଚ ହେଉଛି। ଏପରିକି ଯାଜପୁର ଖାଦାନଗୁଡ଼ିକରୁ ମିଳୁଥିବା ଚାଲାଣ ବାଲେଶ୍ୱର ଜିଲାର ତହସିଲଦାର, ପୋଲିସ ଓ ଆର୍‌ଟିଓ ତାହାକୁ ନକଲି କହି ଗାଡ଼ିଗୁଡ଼ିକୁ ଅଟକାଇ ହଜାର ହଜାର ଟଙ୍କାର ଫାଇନ କାଟୁଛନ୍ତି। ପ୍ରଶାସନ ତାର ଅତ୍ୟାଚାର ବନ୍ଦ କରୁ ନଚେତ୍ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବୋଲି ଚେତାବନୀ ଦେଇଥିଲେ। ଉପସଭାପତି ଶିଶିର କୁମାର ରାଉତ ଯୋଗଦେଇ କେଉଁ ପ୍ରକାର ଫର୍ମ କେଉଁଥି ପାଇଁ ଲାଗିବ ସରକାରୀ ସ୍ତରରେ ପ୍ରଶିକ୍ଷଣ ଦିଆଯାଉ ବୋଲି ଦାବି କରିଥିଲେ। ସାଧାରଣ ସମ୍ପାଦକ ପ୍ରଣବ ଗୋସ୍ୱାମୀ, ଉପଦେଷ୍ଟା ଗତିକୃଷ୍ଣ ନନ୍ଦ, ସୁଧାସିନ୍ଧୁ ପଣ୍ଡା, ସନ୍ତୋଷ ଖଟୁଆ, ଶୁଭେନ୍ଦୁ ପଣ୍ଡା, ଦୀପୁ ଚକ୍ରବର୍ତ୍ତୀ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଟ୍ରକ୍ ମାଲିକଙ୍କ ବିଭିନ୍ନ ସୁବିଧା ଅସୁବିଧା ଉପରେ ଆଲୋଚନା କରିଥିଲେ।



ବୈଠକରେ ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା ଓ ଡମ୍ପର ମାଲିକ ମହାସଂଘ କର୍ମକର୍ତ୍ତା।

## ୩୫ ଲକ୍ଷ ଟଙ୍କାରେ ହେବ ଆଲୋକୀକରଣ ବ୍ୟବସ୍ଥା

ବନ୍ତ,୧୨।୧୦(ଡି.ଏନ୍.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକଙ୍କ ନିଜସ୍ୱ ପାଣ୍ଠିରୁ ୩୫ ଲକ୍ଷ ଟଙ୍କା ବ୍ୟୟରେ ବନ୍ତ ବ୍ଲକର ୫ ସ୍ଥାନରେ ଆଲୋକୀକରଣ ବ୍ୟବସ୍ଥା ହେବ। ଏନେଇ ବିଧାୟକ ପ୍ରଫୁଲ୍ଲ ସାମଲ ସେପ୍ଟେମ୍ବର ୨୯ରେ ଚିଠି ନଂ- ୭୪୫/୨୨ ଜରିଆରେ ୨୦୨୧-୨୨ ଆର୍ଥିକ ବର୍ଷରେ ୫ ସ୍ଥାନରେ ଆଲୋକୀକରଣ ବ୍ୟବସ୍ଥା ନିମନ୍ତେ ପାଣ୍ଠିରୁ ଅର୍ଥ ରିଲିଜ୍ କରିବା ପାଇଁ ଭଦ୍ରକ ଯୋଜନା ଓ ପର୍ଯ୍ୟାଲୋଚନା କମିଟିର ଉପନିର୍ଦ୍ଦେଶକଙ୍କୁ ଅବଗତ କରାଇଛନ୍ତି। ଏହି ଆଲୋକୀକରଣ ବ୍ୟବସ୍ଥା ମଧ୍ୟରେ ଗଣିଜାଙ୍ଗ ବଜାର ପାଇଁ ୮ ଲକ୍ଷ, ଛୟାଳସିଂ ବଜାର ଲାଗି ୮ ଲକ୍ଷ, ଆଗରପଡ଼ାସ୍ଥିତ ମହତାବ ଛକଠାରୁ କୁପାରୀ ରାସ୍ତା ପର୍ଯ୍ୟନ୍ତ ୬ ଲକ୍ଷ, ସିଟି ସ୍କୁଲଠାରୁ କେସିଭିଏମ୍ ହାଇସ୍କୁଲ ପର୍ଯ୍ୟନ୍ତ ସାଢ଼େ ୬ ଲକ୍ଷ ଏବଂ କେସିଭିଏମ୍ ହାଇସ୍କୁଲଠାରୁ କୁପାରୀ ଛକ ପର୍ଯ୍ୟନ୍ତ ସାଢେ ୬ ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏଥିପାଇଁ ସ୍ଥାନୀୟ ଲୋକେ ବିଧାୟକ ପ୍ରଫୁଲ୍ଲ ସାମଲ ଓ ବିଧାୟକ ପ୍ରତିନିଧି ଇଂ.ପ୍ରୟାସକାନ୍ତି ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଏଆଇଡିଏସ୍‌ଓର ବିକ୍ଷୋଭ

ଉଦଳା,୧୨।୧୦(ଡି.ଏନ.ଏ.)

ଜାତୀୟ ଶିକ୍ଷା ନୀତି-୨୦୨୦ ବାତିଲ ଦାବିରେ ଏଆଇଡିଏସ୍‌ଓ କପ୍ତିପଦା ବ୍ଲକ କମିଟି ପକ୍ଷରୁ ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଉପ ସଭାପତି ଧନେଶ୍ୱର ସିଂ ବାରି, ବ୍ଲକ ସଭାପତି ଗୋବିନ୍ଦ ସିଂଙ୍କ ସମେତ ଲାଦୁରା ମହାକୁଡ, ବୁଧୁନି ବାନରା, ଯୁଙ୍ଗା ବାନରା, ଲାଣ୍ଡୁ ସିଂ ପ୍ରମୁଖ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ୧୦୦ ଲିଟର ଡିଜେଲ ସହ ବୋଲେରୋ ଜବତ, ୪ ଗିରଫ

**ଟ୍ରକ୍ ପାର୍କିଂରୁ ତେଲ ଚୋରି**

ବଡ଼ବିଲ,୧୨।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ତେଲ ଚୋରି ଅଭିଯୋଗରେ ୪ଜଣଙ୍କୁ ଗିରଫ କରିଛି। ୧୦୦ ଲିଟର ଚୋରା ଡିଜେଲ, ଏକ ବୋଲେରୋ ଓ ଏକ ବାଇକକୁ ଜବତ କରିଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ ଠାକୁରାଣୀ ଅଞ୍ଚଳର ଏମ୍‌ଡି ସୈଫ୍, ସେଡିଂବସ୍ତି ଅଞ୍ଚଳର ପାଟ ଗୋପ, ବୁରୁହଟିଂ ଅଞ୍ଚଳର ଶିବଶଙ୍କର ମହାକୁଡ଼, ଦଲକି ବସ୍ତି ଅଞ୍ଚଳର ରାଜୁ ମୁଣ୍ଡା। ସୂଚନା ଅନୁଯାୟୀ, ଗତ ସୋମବାର ରାତିରେ ଠାକୁରାଣୀସ୍ଥିତ ମିତଲ ମାଇନ୍ସର ଟ୍ରକ୍ ପାର୍କିରେ ବଡ଼ବିଲ ବସ୍ତିର ସୁନୀଲ ମହାନ୍ତଙ୍କ ଓଡି୦୯ ଡବ୍ଲୁ ୮୮୦୯ ନମ୍ବର ଟ୍ରକ ଛିଡ଼ା ହୋଇଥିଲା। କେତେକ ଦୁର୍ବୃତ୍ତ ଟ୍ରକ୍‌ରୁ ତେଲ ଚୋରି କରିବାକୁ ଉଦ୍ୟମ ବେଳେ ଚାଳକ ଦେଖି ପାଟି କରିବାରୁ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ଏ ନେଇ ସୁନୀଲ ବଡ଼ବିଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେଶ ନଂ. ୨୫୧/୨୦୨୨ରେ ମାମଲା ରୁଜୁ କରି ବୁଧବାର ଘଟଣାସ୍ଥଳରେ ଚଢ଼ାଉ କରି ଏକ ବୋଲେରୋ, ୧୦୦ ଲିଟର ଡିଜେଲ, ଏକ ବାଇକ୍ ଜବତ କରିଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ମନସ୍ୱିନୀ


@ଶୁଭଶ୍ରୀ


@ଅର୍ଚ୍ଚନା


@ମାନସ

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ମାଈ ବାଛୁରୀ ସଂଖ୍ୟା ବୃଦ୍ଧିରେ ମୟୂରଭଞ୍ଜକୁ ସଫଳତା

ବାରିପଦା ଅଫିସ,୧୨।୧୦

**ଯାଞ୍ଚ ପରେ ସୂଚନା ଦେଲେ ସ୍ୱତନ୍ତ୍ର ପ୍ରାଣୀଧନ ଚିକିତ୍ସାଧିକାରୀ ଟିମ୍**

ଓଡ଼ିଶାରେ ମାଈ ବାଛୁରୀ ସଂଖ୍ୟା ବୃଦ୍ଧି ଯୋଜନାରେ ମୟୂରଭଞ୍ଜ ଜିଲାକୁ ଶତ ପ୍ରତିଶତଠାରୁ ଅଧିକ ସଫଳତା ମିଳିଛି। ପ୍ରାଣୀଧନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ଲୋକନାଥ ବେହେରା ଓ ସଞ୍ଜୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପ୍ରାଣୀଧନ ଚିକିତ୍ସାଧିକାରୀ ଟିମ୍ ଦୁଇ ଦିନିଆ ଜିଲା ଗସ୍ତରେ ଆସି ଗାଈମାନଙ୍କ ଗର୍ଭ ପରୀକ୍ଷା ପରେ ଏହି ସୂଚନା ଦେଇଛନ୍ତି।

ଦୁଗ୍ଧ ବୃଦ୍ଧି ପାଇଁ ମାଈ ବାଛୁରୀଙ୍କ ସଂଖ୍ୟା ବୃଦ୍ଧି ଜରୁରୀ। ତେବେ ରାଜ୍ୟରେ ମାଈ ବାଛୁରୀଙ୍କ ସଂଖ୍ୟା କମି ଯାଉଥିବାବେଳେ ସରକାର ସେମାନଙ୍କ ସଂଖ୍ୟା ବୃଦ୍ଧି ନିମନ୍ତେ ପ୍ରାଣୀଧନ ବିଭାଗର ବିଶେଷଜ୍ଞଙ୍କ ସହିତ ଆଲୋଚନା କରି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଥିଲେ। ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ କୃତ୍ରିମ ପ୍ରଜନନ ଦ୍ୱାରା ୨୦୦୦ ଉନ୍ନତ ମାଈ ବାଛୁରୀ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ମୟୂରଭଞ୍ଜ ଜିଲାକୁ ସର୍ବାଧିକ ୭୦୦ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଥିଲା। ଜିଲାର ବେତନଟୀ, ବଡ଼ସାହି, ବାରିପଦା ଓ ଖୁଣ୍ଟା ବ୍ଲକରେ ପ୍ରଜନନରେ ସାମିଲ ଥିବା ଗାଈମାନଙ୍କର ଗର୍ଭ ପରୀକ୍ଷା ପରେ ୭୦୨ଟି ସଫଳ ହୋଇଥିବା ଜଣାପଡ଼ିଛି । ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ପ୍ରଭାକର ସାହୁ ଓ ଏଡିଭିଓ ଡା. ତରୁଣ କୁମାର ମଲ୍ଲିକ ଓମ୍ଫାଡସି ଯୋଜନାରେ ମାଗଣାରେ ଏହି କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଜିଲାର ସମସ୍ତ ପ୍ରାଣୀଧନ ଚିକିତ୍ସକ, ନୀରିକ୍ଷକ ଓ କର୍ମଚାରୀଙ୍କ ସହଯୋଗରେ ସମ୍ପାଦିତ କରାଇଥିଲେ। ଫଳରେ ଆଗାମୀ ଦିନରେ ଜିଲାରେ ଗାଈ ସଂଖ୍ୟା ବୃଦ୍ଧି ସାଙ୍ଗକୁ ଦୁଗ୍ଧ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇବ ବୋଲି ସମସ୍ତେ ଆଶା ବାନ୍ଧିଛନ୍ତି । ଯାଞ୍ଚକାରୀ ଟିମ୍‌ରେ ୫ଜଣ ଚିକିତ୍ସାଧିକାରୀ ରହିଥିବା ବେଳେ ଯୁଗ୍ମ ନିର୍ଦ୍ଦେଶକ ଡା. ନୃସିଂହ ଚରଣ ମିଶ୍ର, ଡା. ବିଶ୍ୱଜିତ ରାଉତ, ଡା. ସୁବ୍ରତ ସାହୁ, ଜିଲାର ଉଚ୍ଚ ପଦାଧିକାରୀ ଓ ଚିକିତ୍ସାଧିକାରୀ ସାମିଲ ଥିଲେ।

## ମାଟି ତଳୁ ବାହାରିଲେ ଜଗନ୍ନାଥ

ବାହାନଗା, ୧୨।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଆରୁହାବାଡ ପଞ୍ଚାୟତ ଅଗସ୍ତି ସାହିର କମଳାକାନ୍ତ ଅଗସ୍ତିଙ୍କ ଘର ପଛପଟେ ମାଟିତଳୁ ବୁଧବାର ମହାପ୍ରଭୁ ଜଗନ୍ନାଥଙ୍କ ପଥର ମୂର୍ତ୍ତୀକୁ ପରିବାର ଲୋକେ ଉଦ୍ଧାର କରିଛନ୍ତି। ଦୀର୍ଘ ୩ରୁ ୪ବର୍ଷ ତଳେ କମଳାକାନ୍ତଙ୍କ ପୁଅ ଦିଲୀପଙ୍କୁ ବାରମ୍ବାର ସ୍ୱପ୍ନାଦେଶ ହୋଇଥିଲା। ପରିବାର ଲୋକେ ଚିନ୍ତା ପ୍ରକଟ କରିବା ସହ ବିଭିନ୍ନ ସାଧକଙ୍କ ନିକଟକୁ ଯାଇ ବୁଝାବୁଝି କରି ବିଫଳ ହୋଇଥିଲେ। ଶେଷରେ ଦିଲୀପ ଗତ ୪ଦିନ ହେଲା ଘର ପଛପଟେ ଥିବା ଐଶାନ୍ୟ କୋଣରେ ଏକ ଛୋଟ ବେଲ ଗଛ ନିକଟରେ ମାଟିକୁ ଖୋଳିବା ଆରମ୍ଭ କରିଥିଲେ । ନିଜେ ୪ ଫୁଟ ଖୋଳିବା ପରେ ଗତ ମଙ୍ଗଳବାର ଅଧିକ ନ ଖୋଳି ଛାଡି ଦେଇଥିଲେ । ରାତିରେ ବର୍ଷା ହେବା ଫଳରେ ଗାତ ଭିତରେ ପାଣିଜମି ରହିଥିଲା । ତେବେ ସେହି ପାଣିକୁ ସକାଳେ ବାହାର କରି ପୁନର୍ବାର ଖୋଳିବା ବେଳେ ହାତକୁ ପଥର ମୂର୍ତ୍ତୀ ଲାଗିଥିଲା । ସେଠାରୁ ମାଟି ପରିଷ୍କାର କରି ପଥର ମୂର୍ତ୍ତି ବାହାର କରିବାରୁ ତାହା ମହାପ୍ରଭୁ ଜଗନ୍ନାଥଙ୍କର ବୋଲି ଜଣାପଡିଥିଲା । ଏହି ଘଟଣା ପ୍ରଚାରିତ ହେବା ପରେ ଦେଖିବା ଲାଗି ଶତାଧିକ ଲୋକଙ୍କ ଭିଡ ଜମିଛି।



## ଠେଲିଲେ ଷ୍ଟାର୍ଟ ହେଉଛି ଆମ୍ବୁଲାନ୍ସ

ପାଟଣା,୧୨।୧୦(ସ୍ୱ.ପ୍ର.)

ରୋଗୀଙ୍କୁ ବୋହିବା ପାଇଁ ଉଦ୍ଦିଷ୍ଟ ଆମ୍ବୁଲାନ୍ସ ନିଜେ ରୋଗାଗ୍ରସ୍ତ। ଠେଲିଲେ ଷ୍ଟାର୍ଟ ହେଉଛି। ରୋଗୀ ଫୋନ୍ କଲେ ଆମ୍ବୁଲାନ୍ସ ଷ୍ଟାର୍ଟ ହୋଇ ମେଡିକାଲରୁ ବାହାରିବା ପାଇଁ ଅଧାଘଣ୍ଟା ସମୟ ଲାଗିଯାଉଛି। ଏଭଳି ଶୋଚନୀୟ ସ୍ଥିତିରେ ରହିଛି କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜନନୀ ଏକ୍ସପ୍ରେସ୍।

ସୂଚନାଯୋଗ୍ୟ, ବୁଧବାର ଜଣେ ଗର୍ଭବତୀ ଜନନୀ ଏକ୍ସପ୍ରେସ୍‌କୁ ଫୋନ୍ କରିଥିଲେ। ଫୋନ୍‌ପରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜନନୀ ଏକ୍ସପ୍ରେସ୍‌କୁ ଷ୍ଟାର୍ଟ କରିବାକୁ ଚାଳକ ଚାହିଁବାରୁ ଆମ୍ବୁଲାନ୍ସଟି ଷ୍ଟାର୍ଟ ହୋଇ ନ ଥିଲା। ୪/୫ ଜଣ କର୍ମଚାରୀ ଅଧଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ କସରତ କରିବା ପରେ ଆମ୍ବୁଲାନ୍ସଟି ଷ୍ଟାର୍ଟ ହୋଇ ରୋଗୀଙ୍କୁ ଆଣିବା ପାଇଁ ଯିବାକୁ ସଫଳ ହୋଇଥିଲା। ଆମ୍ବୁଲାନ୍ସଟି ଅନେକ ସମୟରେ ଷ୍ଟାର୍ଟ ହେଉ ନ ଥିବା ଅଭିଯୋଗ ହେଉଥିବା ବେଳେ ମରାମତି କରାଯାଉନାହିଁ। ଏ ନେଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ଶୁଭେନ୍ଦୁ ସାଗର ନାଏକଙ୍କୁ ପଚାରିବାରୁ କୁହନ୍ତି, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଦାନ କରାଯାଇଥିଲା। ବହୁତ ଦିନ ହୋଇଯାଇଥିବାରୁ ଏହା ଖରାପ ହୋଇଗଲାଣି। ମରାମତି ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଛି।



## ପ୍ରସ୍ତାବ ମାଗିଲେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ

କେନ୍ଦୁଝର,୧୨।୧୦(ସ୍ୱ.ପ୍ର.)

**ହାଇସ୍କୁଲରେ ଖୋଲିବ +୨**

ଆସନ୍ତା ଶିକ୍ଷାବର୍ଷଠାରୁ ହାଇସ୍କୁଲରେ ଖୋଲିବ +୨ ପାଠ୍ୟକ୍ରମ। ରାଜ୍ୟରେ ୧୦୦ଟି ହାଇସ୍କୁଲକୁ ଅପଗ୍ରେଡ୍ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଯଦି କୌଣସି ଜିଲା ପରିଷଦ ଜୋନ୍‌ରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାହିଁ କିମ୍ବା ପୂର୍ବରୁ ଦିଆଯାଇଥିବା ତାଲିକାରୁ ବାଦ୍ ପଡ଼ିଛି, ସେଗୁଡ଼ିକର ନାମ ଅକ୍ଟୋବର ୧୮ ସୁଦ୍ଧା ଦେବାକୁ ନିର୍ଦ୍ଦେଶ ରହିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଚିଠି ନଂ. ୧୧୯୫୭, ୧୦ଅକ୍ଟୋବର ୨୦୨୨ରେ ସମସ୍ତ ଜିଲାପାଳଙ୍କୁ ପୁନର୍ବାର ପ୍ରସ୍ତାବ ଦେବା ପାଇଁ ଚିଠି କରିଛନ୍ତି। ଡ୍ରପ୍‌ଆଉଟ ରୋକିବା ଏବଂ ନୂତନ ଜାତୀୟ ଶିକ୍ଷାନୀତି ଅନୁସାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏଭଳି ପଦକ୍ଷେପ ନେଉଥିବା କୁହାଯାଉଛି। ରାଜ୍ୟରେ ମୋଟ ୧୮୩ଟି ହାଇସ୍କୁଲକୁ ଉନ୍ନୀତ କରିବା ପାଇଁ ସମସ୍ତ ଡିଇଓ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀ ଯେଉଁ ଜିଲା ପରିଷଦ ଜୋନ୍‌ରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାହିଁ, ସେହିପରି ୬ଟି ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏଥିରେ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ୨୪ ନଂ. ଜିଲା ପରିଷଦ ଜୋନ୍‌ର ପଞ୍ଚାୟତ ସରକାରୀ ହାଇସ୍କୁଲ, ଚମ୍ପୁଆ ବ୍ଲକ୍ ୧୩ ନଂ. ଜିଲା ପରିଷଦ ସରକାରୀ ହାଇସ୍କୁଲ, ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ୩୩ ନଂ. ଜିଲା ପରିଷଦ ଜୋନ୍‌ର ପଞ୍ଚାୟତ ହାଇସ୍କୁଲ, ଯୋଡ଼ା ବ୍ଲକ୍ ଅନ୍ତର୍ଗତ ୨୭ ନଂ. ଜିଲା ପରିଷଦ ଜୋନ୍‌ର ଶ୍ରୀ ଜଗନ୍ନାଥ ସରକାରୀ ହାଇସ୍କୁଲ, କେନ୍ଦୁଝର ସଦର ବ୍ଲକ୍‌ର ୪ ନଂ. ଜିଲା ପରିଷଦ ଜୋନ୍‌ର ପଞ୍ଚସଖା ନୋଡ଼ାଲ ହାଇସ୍କୁଲ, ୬ ନଂ. ଜୋନ୍ ପ୍ରଗତି ହାଇସ୍କୁଲ, ପାଟଣା ବ୍ଲକ୍ ୨୧ ନଂ. ଜିଲା ପରିଷଦ ଜୋନ୍‌ର ସରକାରୀ ନୋଡାଲ ହାଇସ୍କୁଲ, ବାଉଁଶୂଳୀ ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ସରକାରଙ୍କ ଏଭଳି ପଦକ୍ଷେପ ସାକାର ହେଲେ ବିଶେଷକରି ଆଦିବାସୀ ଝିଅମାନେ ଅଧିକ ଉପକୃତ ହେବେ ବୋଲି ଓଷ୍ଟା ସଂଘର କେନ୍ଦୁଝର ଜିଲା ସମ୍ପାଦକ ପ୍ରଶାନ୍ତ ମିଶ୍ର କହିଛନ୍ତି। ହରିଚନ୍ଦନପୁର ବ୍ଲକ୍ ଟାଙ୍ଗିରିଆପାଳ ପଞ୍ଚାୟତ ଅଧୀନ ପଞ୍ଚାୟତ ହାଇସ୍କୁଲ, ଟାଙ୍ଗିରିଆପାଳରେ ନବମ ଏବଂ ଦଶମ ଶ୍ରେଣୀରେ ୯୦ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ ହେଲେ ଟାଙ୍ଗିରିଆପାଳ ଏବଂ ରାସୋଳ ପଞ୍ଚାୟତ ଆଦିବାସୀ ଛାତ୍ରୀଛାତ୍ରୀ ଉପକୃତ ହେବେ।

ଧରିତ୍ରୀ
DHARITRI
ଗୁରୁବାର, ୧୩ ଅକ୍ଟୋବର, ୨୦୨୨



## ସଂକ୍ଷେପରେ

### ଦୋଷୀଙ୍କୁ ୧୦ବର୍ଷ ଜେଲ

#### ନାବାଳିକାଙ୍କୁ ବଳାତ୍କାର ମାମଲା

ବାରିପଦା ଅଫିସ,୧୨।୧୦-ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ ତଥା ପୋକ୍‌ସୋ କୋର୍ଟରେ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ ଦୁର୍ଗାଚରଣ ମିଶ୍ର ଏହାର ବିଚାର କରି ଦୋଷୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୫ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୮ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ବ୍ୟତୀତ ପୀଡ଼ିତାଙ୍କୁ କ୍ଷତିପୂରଣ ଦେବା ପାଇଁ ଜିଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ରାସଗୋବିନ୍ଦପୁର ଥାନା ଅଞ୍ଚଳର ଗଣେଶ କିସ୍କୁ(୨୭)। ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ସେପ୍ଟେମ୍ବର ୧୮ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତ ଗଣେଶ ପୀଡ଼ିତାଙ୍କ ଘରେ ପଶି ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୧୦୯/୧୮)ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

### ବସ୍ ଧକ୍କାରେ ଲୁନା ଆରୋହୀଙ୍କ ମୃତ୍ୟୁ

ଘଟଗାଁ,୧୨।୧୦(ଡି.ଏନ୍.ଏ): କେନ୍ଦୁଝର ଜିଲା ଘଟଗାଁ ପେଟ୍ରୋଲ ପମ୍ପ ନିକଟରେ ଏକ ବସ୍ ଧକ୍କାରେ ଜଣେ ଲୁନା ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକହେଲେ ଘଟଗାଁ ଥାନା ଅଧୀନ ପାଟଣା ବ୍ଲକ୍ କୁମୁଳାବାହାଳି ଗ୍ରାମର ନବଘନ ମହାନ୍ତ(୬୨)। ସୂଚନା ଅନୁଯାୟୀ ନବଘନ ଏକ ଲୁନା ମୋପେଡ୍ ଗାଡ଼ିରେ ପେଟ୍ରୋଲ ପମ୍ପକୁ ଯାଉଥିଲେ। ସେ ସମୟରେ ଘଟଗାଁରୁ କେନ୍ଦୁଝର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ତାଙ୍କୁ ଧକ୍କା ଦେଇଥିଲା। ସେ ଧକ୍କାରେ ଗୁରୁତର ହୋଇଥିଲେ। ଖବର ପାଇ ଘଟଗାଁ ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରି ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନବଘନଙ୍କ ମୃତ୍ୟୁ ଘଟିଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି। ଖବର ପାଇ ଘଟଗାଁ ପୋଲିସ ଏସ୍‌ଆଇ ତପନ ଜେନା ପହଞ୍ଚି ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛନ୍ତି।

### ଯୋଗଦେଲେ ନୂତନ ବିଡିଓ



ଧାମନଗର,୧୨।୧୦ (ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ବ୍ଲକରେ ନୂତନ ବିଡିଓ ଭାବେ ବନ ବିହାରୀ ଦିଣ୍ଡା ଯୋଗ ଦେଇଛନ୍ତି। ବିଡିଓ ଦୁର୍ଗା ଚରଣ ମୁର୍ମୁଙ୍କ ବଦଳି ପରେ କୋରାପୁଟ ଜିଲା ଲକ୍ଷ୍ମୀପୁର ତହସିଲଦାର ଭାବେ କାର୍ଯ୍ୟରତ ଦିଣ୍ଡାଙ୍କୁ ଧାମନଗର ବିଡିଓ ଭାବେ ନିଯୁକ୍ତି ଦିଆଯାଇଛି। ଏହି ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପ୍ରତି ଦୃଷ୍ଟି ଦେବା ସହ ଲୋକଙ୍କ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବେ ବୋଲି ସେ କହିଛନ୍ତି।

### ଖବରକାଗଜ ବିତରକଙ୍କ ଅକାଳ ବିୟୋଗ

ଚମ୍ପୁଆ,୧୨।୧୦(ଡି.ଏନ୍.ଏ): କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାରେ ଦୀର୍ଘ ୩୦ ବର୍ଷ ଧରି ଖବରକାଗଜ ବିକ୍ରି କରୁଥିବା ଓମ୍‌କାର ସାହୁଙ୍କ ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୩ ବର୍ଷ ହୋଇଥିଲା। କିଛି ଦିନ ହେଲା ସେ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁରେ ଚମ୍ପୁଆର ବିଭିନ୍ନ ସଂଗଠନ



ଶୋକବ୍ୟକ୍ତ କରିଛନ୍ତି। ଏନ୍‌ଏସି ଚେୟାରମ୍ୟାନ୍ ଗିରିଜା ଶଙ୍କର ସାହୁ ତାଙ୍କୁ ଶେଷ ଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ସ୍ଥାନୀୟ ସମସ୍ତ ଗଣମାଧମ ପ୍ରତିନିଧି, ଖବରଦାତା, ବୁଦ୍ଧିଜୀବୀ, ଶିକ୍ଷାବିତ୍ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମୃତ୍ୟୁ ସମୟରେ ତାଙ୍କ ପତ୍ନୀ ଓ ପୁତୁରାମାନେ ଉପସ୍ଥିତ ରହିଥିଲେ। ବୈତରଣୀ ନଦୀକୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଜାତୀୟ ରାଜପଥରେ ମେଡିଆନ୍ ଗଛ ଶୂନ

■ବର୍ଷକ ମଧ୍ୟରେ ସବୁ ମରିଗଲା
■ଯାତାୟାତରେ ସମସ୍ୟା

କେନ୍ଦୁଝର,୧୨।୧୦(ସ୍ୱ.ପ୍ର.)



୪୯ନଂ. ଜାତୀୟ ରାଜପଥ ।

କେନ୍ଦୁଝର ସହର ଦେଇ ଯାଇଥିବା ଜାତୀୟ ରାଜପଥ ୪୯ର ଅନେକ ସ୍ଥାନରେ ରାସ୍ତା ମଝିରେ ହୋଇଥିବା ବୃକ୍ଷରୋପଣ (ମେଡିଆନରେ ଗଛ) ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ମରି ଯାଇଛି। ତେବେ ବର୍ଷେ ନ ପୂରୁଣୁ ଏଭଳି ଗଛ ଶୂନ ହୋଇଯିବା ସମସ୍ତଙ୍କୁ ଚକିତ କରିଛି। ଫଳରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ଲଗାଯାଇଥିବା ଚାରା ପାଣିରେ ପଡ଼ିଯାଇଛି। ସେହିପରି ରାସ୍ତାକଡ଼ରେ ଲାଗିଥିବା ଗଛ ବହୁ ସ୍ଥାନରେ ନଷ୍ଟ ହୋଇଯାଇଥିଲେ ହେଁ ପୁଣି ଥରେ ବୃକ୍ଷରୋପଣ କରାଯାଇନାହିଁ।

ପ୍ରକାଶ ଯେ, କେନ୍ଦୁଝର ଦେଇ ଯାଇଥିବା ରାଜପଥ ମେଡିଆନ୍‌ରେ ଓ ରାସ୍ତା ଉଭୟ ପାର୍ଶ୍ୱରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ବାଇପାସ୍ ରାସ୍ତା ବେଲଦାଠାରୁ ଧୂର୍ପଦା ଏବଂ ଅଞ୍ଜରଠାରୁ ଶୁଆକାଟୀ ମଧ୍ୟରେ ମେଡିଆନରେ ଗଛ ମରି ଯାଇଛି। ମେଡିଆନ୍‌ରେ ଗଛ ନ ଥିବାରୁ ରାତିରେ ଗାଡ଼ି ଚଳାଚଳ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଅପରପାର୍ଶ୍ୱରୁ ଆସୁଥିବା ଗାଡ଼ି ଲାଇଟ୍ ସିଧାସଳଖ ଚାଳକଙ୍କ ଆଖିରେ ପଡୁଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ କନିଅରକୁ ବାଦ୍ ଦିଆଯାଇ ଟଗର, ବୋଗନଭିଲିଆ, କାଲଆନ୍ଧ୍ରା, ସୀତାଫଳ, ଟେକୋମି ଆଦି ବୃକ୍ଷରୋପଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମେଡିଆନ୍ ବୃକ୍ଷରୋପଣରେ ଏହି ଗଛ ସାମିଲ କରି ଲଗାଯିବାକୁ କୁହାଯାଇଥିଲେ ମଧ୍ୟ ପ୍ରକୃତ ପକ୍ଷେ ଗଛ ନ ଥିବାରୁ ଠିକାଦାରଙ୍କ କାମ ଉପରେ ସନ୍ଦେହ ସୃଷ୍ଟି ହେଉଛି। ବର୍ଷାଦିନ ସରିଥିବା ବେଳେ ମେଡିଆନରେ ମରିଥିବା ଗଛ ସ୍ଥାନରେ ନୂତନ ଗଛ ଲଗାଯାଇନାହିଁ। ବର୍ଷାଦିନ ଆରମ୍ଭରୁ ଏହା ଲଗାଯାଇଥିଲେ ଅଧିକ ଗଛ ବଞ୍ଚିଥାନ୍ତା ବୋଲି ପରିବେଶବିତ୍ ପ୍ରଦୀପ ମହାନ୍ତି କହିଛନ୍ତି। ଏହାର ତଦନ୍ତ ହେଲେ ଗଛ ଲଗାଇଥିବା ଓ ତଦାରଖ କରିଥିବା ସଂସ୍ଥାର ଦୁର୍ନୀତି ପଦାକୁ ଆସିପାରିବ ବୋଲି ଆଇନଜୀବୀ ସୁରଜ ମହାପାତ୍ର କହିଛନ୍ତି।

# ବେଆଇନ କ୍ରଶର ୟୁନିଟ ଉପରେ ଚଢ଼ାଉ



ବେଆଇନ କ୍ରଶର ୟୁନିଟ ଉପରେ ଚଢ଼ାଉ କରାଯାଉଛି।

ନୀଳଗିରି, ୧୨।୧୦(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ତହସିଲ ଜାମୁଡ଼ିହା ପଞ୍ଚାୟତ ସ୍ୱର୍ଣ୍ଣଚୂଡ଼ ଜଙ୍ଗଲ ମଧ୍ୟରେ ଚାଲୁଥିବା ଏକ ବେଆଇନ କ୍ରସର ୟୁନିଟରେ ବୁଧବାର ନୀଳଗିରି ତହସିଲଦାର ସଦଳବଳେ ଚଢ଼ାଉ କରିଥିଲେ । ଚଢାଉ ବେଳେ କ୍ରଶର ମାଲିକଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ଶେଷରେ ଅଧିକାରୀମାନେ ଗେଟ୍ ତାଲା ଭାଙ୍ଗି ବିଭିନ୍ନ ସ୍ଥାନରେ ନାଲି ଫିତା ବାନ୍ଧିଛନ୍ତି । କ୍ରସର ୟୁନିଟ୍‌କୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଏପରିକି କ୍ରଶର ୟୁନିଟର ସମସ୍ତ ଯନ୍ତ୍ରାଂଶରେ ନାଲିଫିତା ବାନ୍ଧି ସିଲ୍ କରିଦିଆଯିବା ଦେଖିବାକୁ ମିଳିଛି।

#### ଲକ୍ଷାଧିକ ଟଙ୍କାର ଚିପ୍‌ସ ଜବତ

ନୀଳଗିରି ତହସିଲ ଅଧୀନ ଜାମୁଡ଼ିହା ପଞ୍ଚାୟତ ସ୍ୱର୍ଣ୍ଣଚୂଡ ଜଙ୍ଗଲ ନିକଟ ବାଦାମବାଡ଼ିରେ ଥିବା ଆପେକ୍ସ କ୍ରସର ୟୁନିଟରେ ବର୍ଷ ବର୍ଷ ଧରି ବେଆଇନ ଭାବେ ଚଳାଇ ଆସୁଥିବା ବେଳେ ଠିକ୍ କାଗଜପତ୍ର ନ ଥିବାରୁ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ଏକ ବର୍ଷ ପୂର୍ବରୁ ଉକ୍ତ କ୍ରସର ୟୁନିଟକୁ ସିଲ୍ କରିବା ସହ ନାଲିଫିତା ପୋତି ଦେଇଥିଲେ। ମାତ୍ର କ୍ରସର ୟୁନିଟ୍ ମାଲିକ ଏନେଇ ନୀଳଗିରିର ତତ୍କାଳୀନ ଉପଜିଲାପାଳଙ୍କ କୋର୍ଟରେ ଏକ ପିଟିସନ ଦାଏର କରିଥିଲେ। ପରେ ଉପଜିଲାପାଳ କ୍ରସର ୟୁନିଟ ଉପରୁ ସିଲ୍ ଖୋଲି ଦେଇଥିଲେ। ୟୁନିଟ ମାଲିକ ପୁର୍ନବାର କ୍ରସର ଚାଲୁ କରିବା ସହ ସବୁ ଚୋରା ପଥରକୁ କ୍ରୟ କରି ଚଢ଼ାଦରରେ ଚିପସ୍ ବିକ୍ରି କରି ଆସୁଥିଲା। ଏନେଇ ତହସିଲଦାର, ପଲ୍ୟୁଶନ ବିଭାଗ, ନୀଳଗିରି ପୋଲିସ, ବିଦ୍ୟୁତ୍ ବିଭାଗ , ତହସିଲ କର୍ମଚାରୀ, ସଜନାଗଡ଼ ଆର୍‌ଆଇ, ଅଯୋଧ୍ୟା ଆର୍‌ଆଇ ପ୍ରମୁଖ କ୍ରସର ୟୁନିଟ ନିକଟରେ ପହଞ୍ଚିଥିଲେ। ମାତ୍ର କ୍ରଶର ମୁଖ୍ୟ ଫାଟକରେ ମାଲିକ ଜାଣିଶୁଣି ତାଲା ପକାଇ ଦେଇଥିଲେ।

# ପ୍ରସ୍ତାବିତ ସ୍ଥାନ ବୁଲି ଦେଖିଲା କେଭି ସଙ୍ଗଠନ



ଅଧିକାରୀମାନେ ପରିଦର୍ଶନ କରୁଛନ୍ତି।

ଚମ୍ପୁଆ,୧୨।୧୦(ଡି.ଏନ୍.ଏ)

#### କେନ୍ଦ୍ରୀୟ ବିଦ୍ୟାଳୟ ଜମି ପ୍ରସଙ୍ଗ

କେନ୍ଦୁଝର ଜିଲା ଚମ୍ପୁଆରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ(କେଭି) ସଂଗଠନ କର୍ମକର୍ତ୍ତା ଜମି ବୁଲି ଦେଖିଛନ୍ତି। ସଂଗଠନ ସହକାରୀ କମିସନର ଜ୍ୟୋତି କୁମାରଙ୍କ ନେତୃତ୍ୱରେ ଅଧ୍ୟକ୍ଷ ଡ. ଏ.କେ. ଖଟୁଆ, ବିଜୟ ସୋରେନ, ଆଲୋକ ଘୋଶ ପ୍ରମୁଖ ସ୍ଥାନ ପରିଦର୍ଶନ କରିଥିବା ବେଳେ ଚମ୍ପୁଆ ଉପଜିଲାପାଳ ସୁକାନ୍ତ ମାଝି ଓ ତହସିଲଦାର ଡ. ସାଇସସ୍ମିତା ହୋତା ପ୍ରମୁଖ ସହଯୋଗ କରିଥିଲେ। ପ୍ରକାଶ ଯେ, ୨୦୧୭ରୁ ଚମ୍ପୁଆରେ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ ହୋଇପାରି ନ ଥିବାରୁ ବିଦ୍ୟାଳୟ ସ୍ଥାପନ ହୋଇପାରି ନାହିଁ। ପୂର୍ବରୁ ରାମଲାଠାରେ ଜମି ଚିହ୍ନଟ କରାଯାଇଥିଲେ ମଧ୍ୟ ଆବଶ୍ୟକ ଜମି ମିଳି ପାରି ନ ଥିବାରୁ ସମସ୍ୟା ଲାଗି ରହିଛି। ଏପରିକି ଏହା ଚମ୍ପୁଆଠାରୁ ୯ କି.ମି. ଦୂର କାଳିକାପ୍ରସାଦଠାରେ ପ୍ରସ୍ତାବିତ ହେବାରୁ ଚମ୍ପୁଆ ବିକାଶ ପରିଷଦ ସମେତ ସମସ୍ତ ସଂଗଠନ ଚମ୍ପୁଆ ବନ୍ଦ ଡାକରା ଦେଇଥିଲେ। ପରେ ଚମ୍ପୁଆ ପ୍ରଶାସନ ପକ୍ଷରୁ ଗୋଧୂଳି, ପାଞ୍ଚପୋଖରିଆ ଓ ଶଙ୍କରପୁରଠାରେ ସ୍ଥାନ ଚିହ୍ନଟ କରାଯାଇ ଜିଲାପାଳଙ୍କ ନିକଟକୁ ପଠାଯାଇଥିଲା। ଏହି ପରିଦର୍ଶନ ବେଳେ ବିକାଶ ପରିଷଦ ଓ ବିଭିନ୍ନ ସଂଗଠନରେ ସଦସ୍ୟ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହିଥିଲେ।

### କୁକୁଡ଼ା ଉପରେ ବାଇକ୍ ମାଡିଯିବାରୁ ଆରୋହୀଙ୍କୁ ମାଡ଼

ରୂପସା, ୧୨।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପସା ଥାନା ଜାମୁନିଆ ଗ୍ରାମରେ କୁକୁଡା ଉପରେ ବାଇକ୍ ମାଡିଯିବା ନେଇ ଉତ୍ତେଜନା ଦେଖାଦେଇଛି। ଉତ୍ୟକ୍ତ ଲୋକେ ବାଇକ ଆରୋହୀଙ୍କୁ ଗଛରେ ବାନ୍ଧି ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

ବୁଧବାର ସକାଳେ ଜାମୁନିଆ ଗ୍ରାମର ନରହରି ଲେଙ୍କା ରାଜମିସ୍ତ୍ରୀ କାମ କରିବାକୁ ବାଇକ୍ ଯୋଗେ ଯିବା ବେଳେ ଗାଁ ଛକରେ ଏକ କୁକୁଡ଼ାକୁ ଚାପିଦେଇ ପଳାଉଥିଲେ। ସେହି ଗ୍ରାମର କିଛି ଲୋକ ତାଙ୍କୁ ଅଟକାଇ ଦ୍ରୁତ ଗତିରେ ବାଇକ ଚଳାଇବାକୁ ବିରୋଧ କରିଥିଲେ। ମରିଯାଇଥିବା କୁକୁଡ଼ାର କ୍ଷତିପୂରଣ ଦାବି କରିଥିଲେ। ସେ ରାଜି ନ ହେବାରୁ ଏକ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ତାଙ୍କର ବାପା ଓ ସ୍ତ୍ରୀ ସେଠାରେ ପହଞ୍ଚି ବୁଝାଶୁଝା କରିଥିଲେ। ବାଇକ ଆରୋହୀ ଜଣକ ଗାଁ ରାସ୍ତାରେ ସବୁବେଳେ ଦ୍ରୁତ ଗତିରେ ବାଇକ ଚଳାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ବେତନଟୀ ଡାକ୍ତରଖାନାରେ ନାହିଁ ବିକଳ୍ପ ଆମ୍ବୁଲାନ୍ସ ସେବା

ବେତନଟୀ,୧୨।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ପ୍ରାୟ ୫ବର୍ଷ ପୂର୍ବରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ଥିଲା। ରୋଗୀଙ୍କୁ ଆଣିବା କିମ୍ବା ଜରୁରୀ ଚିକିତ୍ସା ପାଇଁ ଅନ୍ୟ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କ୍ଷେତ୍ରରେ ଡାକ୍ତରଖାନା ପକ୍ଷରୁ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଉଥିଲା। ଏବେ ଏହି ସେବାରୁ ଅଞ୍ଚଳବାସୀ ବଞ୍ଚିତ ହୋଇଛନ୍ତି। ଆମ୍ବୁଲାନ୍ସର ବିକଳ୍ପ ସେବା ନ ଥିବା ବେଳେ କେବଳ ୧୦୮ ଆମ୍ବୁଲାନ୍ସ ଉପରେ ନିର୍ଭର କରିବାକୁ ପଡୁଛି। ୧୦୮ ଆମ୍ବୁଲାନ୍ସ ବିଳମ୍ବରେ ଆସିଲେ ଡାକ୍ତରଖାନା ପକ୍ଷରୁ ବିକଳ୍ପ ଆମ୍ବୁଲାନ୍ସ ସେବା ଦିଆଯାଇ ପାରୁନାହିଁ। ଦୁଇ ସପ୍ତାହ ତଳେ ଗୋଟିଏ ଦିନରେ ୩ଜଣଙ୍କୁ ସାପ କାମୁଡ଼ିଥିବା ବେଳେ ବେତନଟୀ ଡାକ୍ତରଖାନାରୁ ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜକୁ ସ୍ଥାନାନ୍ତର ସମୟରେ ଗୋଟିଏ ୧୦୮ ଆମ୍ବୁଲାନ୍ସରେ ୨ଜଣ ସାପ କାମୁଡ଼ା ରୋଗୀଙ୍କୁ ପଠାଯାଇଥିଲା। ସେହିଭଳି ୧୦୮ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ କୀଟନାଶକ ଖାଇ ଗୁରୁତର ଥିବା ଜଣେ ରୋଗୀଙ୍କ ବେତନଟୀ ଡାକ୍ତରଖାନାରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା।

ବଜ୍ରପାତ, ସାପକାମୁଡ଼ା, ରାସ୍ତା ଦୁର୍ଘଟଣାରେ ଗୁରୁତରଙ୍କୁ ବାରିପଦା ନେବା ପାଇଁ ଫୋନ କଲେ ବହୁ ବିଳମ୍ବରେ ୧୦୮ ଆମ୍ବୁଲାନ୍ସ ପହଞ୍ଚୁଥିବା ନଜିର ରହିଛି। ଅନେକ ସମୟରେ ବେତନଟୀ ଅଞ୍ଚଳରେ ଦୁର୍ଘଟଣା ଘଟିଥିଲେ ବୈଶିଙ୍ଗା, ବଡ଼ସାହି, କେଶିପୁର ଓ ବାରିପଦା ଡାକ୍ତରଖାନାରୁ ୧୦୮ ଆମ୍ବୁଲାନ୍ସ ସାହାଯ୍ୟ ଲୋଡ଼ା ଯାଇଥାଏ। ମାତ୍ର ରୋଗୀଙ୍କ ପାଖରେ ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିଥାଏ। ଏଥିପାଇଁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବା ଆବଶ୍ୟକତା ରହିଛି। କାରଣ ଗୋଟିଏ ବ୍ଲକରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ବେଳେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସମଗ୍ର ବ୍ଲକ ଅଞ୍ଚଳର ଲୋକ ନିର୍ଭର କରିଥାନ୍ତି। ସେହିଭଳି ବେତନଟୀ ସୀମାନ୍ତକୁ ଲାଗିଥିବା ମୋରଡ଼ା ,ବଡ଼ସାହି ,ବାରିପଦା ବ୍ଲକ ଅଞ୍ଚଳର ଲେକେ ମଧ୍ୟ ଚିକିତ୍ସା ପାଇଁ ଆସିଥାନ୍ତି। ୧୮ନଂ. ଜାତୀୟ ରାଜପଥରେ ଘଟୁଥିବା ସଡ଼କ ଦୁର୍ଘଟଣାର ଆହତ ବ୍ୟକ୍ତି ଏହି ଡାକ୍ତରଖାନା ଉପରେ ନିର୍ଭର କରୁଥିବାରୁ ୧୦୮ ଆମ୍ବୁଲାନ୍ସ ସହିତ ଏକ ବିକଳ୍ପ ଆମ୍ବୁଲାନ୍ସର ଆବଶ୍ୟକତା ରହିଛି। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟ ଛାତରୁ ପଡ଼ି ଆଦିବାସୀ ଯୁବତୀ ମୃତ

ବାଲିଆପାଳ, ୧୨।୧୦(ସ୍ୱ.ପ୍ର.)

ବାଲିଆପାଳ ବ୍ଲକ କୋଷ୍ଟକେନାଲ ନିକଟସ୍ଥ ଅରଚିଡ଼ ମେରାଇନ ଏକ୍ସପୋର୍ଟ ପ୍ରାଇଭେଟ ଲିମିଟେଡ଼ ଚିଙ୍ଗୁଡ଼ି ପ୍ରସେସିଂ ପ୍ଲାଣ୍ଟ ଛାତରୁ ପଡ଼ି ମଙ୍ଗଳବାର ଜଣେ ଆଦିବାସୀ ଯୁବତୀଙ୍କର ମୃତ୍ୟୁ ଘଟିଛି। ତେବେ ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି।

ମୟୂରଭଞ୍ଜ ଜିଲା କୁଟୁଲାଖୁଣ୍ଟା ଗ୍ରାମର ଉକ୍ତ ଯୁବତୀ ଓ ତାଙ୍କ ମା' ଏକ ସପ୍ତାହ ପୂର୍ବେ ଚିଙ୍ଗୁଡ଼ି ପ୍ଲାଣ୍ଟରେ ନିୟୋଜିତ ଥିଲେ। ପ୍ଲାଣ୍ଟରେ କାର୍ଯ୍ୟରତ ଅନ୍ୟ ଶ୍ରମିକଙ୍କ କହିବା ଅନୁଯାୟୀ ମଙ୍ଗଳବାର ମଧ୍ୟାହ୍ନରେ ସମ୍ପୃକ୍ତ ଯୁବତୀ ଛାତ ଉପରକୁ ଯାଇ ମୋବାଇଲରେ କଥା ହେଉଥିବା ବେଳେ ତଳକୁ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ବାଲିଆପାଳ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ଗୋଡ ଖସିଯାଇଥିଲା ନା କେହି ତାଙ୍କୁ ଠେଲିଦେଇଛି ସେନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏ ନେଇ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି। ଯଦି କିଛି ଅଭିଯୋଗ ଆସେ ତେବେ ତଦନ୍ତ କରାଯିବ ବୋଲି ବାଲିଆପାଳ ଆଇଆଇସି ସୁବ୍ରତ ବେହେରା କହିଛନ୍ତି।

### ୧୬ରେ ରାଜ୍ୟପାଳଙ୍କ ମୟୂରଭଞ୍ଜ ଗସ୍ତ

**ବାରିପଦା ଅଫିସ,୧୨।୧୦:** ମୟୂରଭଞ୍ଜ ଜିଲା ଗଡ଼ଆସ୍ଥିତ ଚିନ୍ତାମଣି ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଗାମୀ ୧୬ତାରିଖ ରବିବାର ମଧ୍ୟାହ୍ନ ୧୨ଟାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହି ସମାରୋହରେ ରାଜ୍ୟପାଳ ଗଣେଶୀଲାଲ ମୁଖ୍ୟ ଅତିଥିଭାବେ ଯୋଗଦାନ କରିବା ନିମନ୍ତେ ସମ୍ମତି ପ୍ରଦାନ କରିଛନ୍ତି । ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ବିଦ୍ୟାଳୟର ସମସ୍ତ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ଯୋଗ ଦେବା ସକାଶେ ପୂର୍ବତନ ବିଧାୟକ ଡ. ଛତିଶ ଚନ୍ଦ୍ର ଧଳ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରତିକାନ୍ତ ଦେ, ଅଧ୍ୟାପକ ଡ. ସନ୍ଦୀପ ଚାନ୍ଦ, ରାଜକିଶୋର ପାଲ ଓ ଗଣେଶ ମିଶ୍ର ପ୍ରମୁଖଙ୍କ ସମେତ ଜୟନ୍ତୀ କମିଟିର ଆବାହକ ରାଜକିଶୋର ମାହାନା ନିବେଦନ କରିଛନ୍ତି ।

### ବରିଷ୍ଠ ଗୁରୁଜୀଙ୍କ ପରଲୋକ

କେନ୍ଦୁଝର,୧୨।୧୦(ସ୍ୱ.ପ୍ର.)

କେନ୍ଦୁଝରେ ଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବରିଷ୍ଠ ଗୁରୁଜୀ ବସନ୍ତ ଗିରିଙ୍କ ପରଲୋକ ହୋଇଛି। ସେ ଦୀର୍ଘ ୨୫ବର୍ଷ ଧରି ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷାଦାନ କରୁଥିଲେ। ତାଙ୍କ ମରଶରୀରକୁ ଘାଘରବେଡ଼ା ନିକଟସ୍ଥ ନକସରା ଗ୍ରାମକୁ ନେଇ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ମୃତ୍ୟୁ ଖବର ପାଇ ବିଦ୍ୟାଳୟର ଶିଶୁ ଭାଇଭଉଣୀ, ପରିଚାଳନା ସମିତିର ସଦସ୍ୟ-ସଦସ୍ୟା, ଆଚାର୍ଯ୍ୟ, ଆଚାର୍ଯ୍ୟା ଅମରଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିବା ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

### ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ

ଭଦ୍ରକ ଅଫିସ, ୧୨।୧୦

କାଳୀପୂଜାର ଅବ୍ୟବହିତ ପୂର୍ବରୁ ବୁଧବାର ଭଦ୍ରକ ଚରମ୍ପା ବଜାରରେ ଜିଲା ଖାଦ୍ୟ ନିରାପତ୍ତା ସ୍କ୍ୱାଡ୍ ପକ୍ଷରୁ ଧରପଗଡ଼ କରାଯାଇଛି। ଜିଲା ଖାଦ୍ୟ ନିରାପତ୍ତା ଦାୟିତ୍ୱ ପ୍ରାପ୍ତ ଅଧିକାରୀ ଡା. ଭାରତୀ ରାଉତଙ୍କ ନେତୃତ୍ୱରେ ହୋଟେଲ ଓ ମିଠା ଦୋକାନଗୁଡ଼ିକରେ ଚଢ଼ାଉ କରାଯାଇଥିଲା। ଜବତ କରାଯାଇଥିବା ବାସି ଖାଦ୍ୟ, କୃତ୍ରିମ ରଙ୍ଗ ମିଶା ଖାଦ୍ୟ ଓ ଖାଦ୍ୟ ରଙ୍ଗ ପ୍ୟାକେଟ୍ ସବୁ ନଷ୍ଟ କରାଯାଇଛି। ଖାଦ୍ୟ ସୁରକ୍ଷା ଆଇନ-୨୦୦୬ ଧାରା ୬୯ ଅବମାନନା ମୂଳେ ୧୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଏଥିସହ ସଚେତନତା ଉଦ୍ଦେଶ୍ୟରେ ଖାଦ୍ୟ ଦ୍ରବ୍ୟ ବ୍ୟବସାୟୀମାନଙ୍କୁ ପ୍ରଚାରପତ୍ର ବଣ୍ଟନ କରାଯାଇଛି। ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ ବିଭୁଦତ୍ତ ଦାସ, ସୁଶାନ୍ତ ନନ୍ଦ ଓ ଅନ୍ୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।



ଚରମ୍ପା ବଜାରର ଏକ ମିଠା ଦୋକାନରେ ଚଢ଼ାଉ କରୁଛନ୍ତି ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ।

# 'ଦୁର୍ଘଟଣାଶୂନ୍ୟ ଭସାଣି ପାଇଁ ସମସ୍ତେ ଯତ୍ନବାନ ହୁଅନ୍ତୁ'

ଭଦ୍ରକ ଅଫିସ,୧୨।୧୦




ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ଅନ୍ୟ ଅଧିକାରୀମାନେ।

#### କାଳୀପୂଜା ଉପଲକ୍ଷେ ପ୍ରଶାସନିକ ପ୍ରସ୍ତୁତି ବୈଠକ

ଭଦ୍ରକ ସହର, ଚରମ୍ପା ବଜାର, ଷ୍ଟେଶନ, ପୁରୁଣାବଜାର ଆଦି ଅଞ୍ଚଳରେ ୧୩ ମଣ୍ଡପରେ ମା' କାଳୀ ପୂଜା ପାଇବେ। ଆସନ୍ତା ୨୪ ତାରିଖଠାରୁ ଏକ ସପ୍ତାହ ଧରି ହେବାକୁ ଥିବା ଏହି ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ। ବୈଠକରେ ଧାର୍ଯ୍ୟ କରାଯାଉଥିବା ସମୟ ମୁତାବକ ଶୋଭାଯାତ୍ରା ବାହାରିବା, ଦୁର୍ଘଟଣାଶୂନ୍ୟ ଭସାଣି ତଥା ଭସାଣି ବେଳେ ଯେପରି କୌଣସି ଦୁର୍ଘଟଣା ନ ଘଟିବ ସେ ଦିଗରେ ପୂଜା କମିଟି ସମେତ ସମସ୍ତେ ଯତ୍ନବାନ ହେବାକୁ କାଳୀପୂଜା ଓ ଦୀପାବଳି ଉତ୍ସବ ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଶାନ୍ତି କମିଟି ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପରାମର୍ଶ ଦେଇଛନ୍ତି। ଜିଲାପାଳ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ଏହି ବୈଠକରେ ଏସ୍‌ପି ଚରଣ ସିଂ ମୀନା, ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଉପଜିଲାପାଳ ମନୋଜ ପାତ୍ର ଓ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ଯୋଗ ଦେଇଥିଲେ। କାଳୀପୂଜାରେ ଡିଜେ ବ୍ୟବହାର ନିଷେଧ ସହ ମଦ ଦୋକାନ ମଧ୍ୟ ବନ୍ଦ ରହିବ ବୋଲି ଏସ୍‌ପି କହିଥିଲେ।

ଡାହାଣୀଗଡ଼ିଆରୁ ଚରମ୍ପା ପର୍ଯ୍ୟନ୍ତ ରାସ୍ତାରେ ଆଲୋକ ବ୍ୟବସ୍ଥା, ମେଳା ସମୟରେ ପ୍ରତି ଶହେ ମିଟର ବ୍ୟବଧାନରେ ଅସ୍ଥାୟୀ ଶୌଚାଳୟ, ସଫେଇ ଓ ବ୍ଲିଚିଂ ବ୍ୟବସ୍ଥା, ମେଳା ଓ ମେଢ଼ ଅଞ୍ଚଳକୁ ସଂଯୋଗ ଥିବା ରାସ୍ତା ମରାମତି, ବିସର୍ଜନ ଲାଗି କୃତ୍ରିମ ପୋଖରୀ ବ୍ୟବସ୍ଥା ନିମନ୍ତେ କମିଟି କର୍ମକର୍ତ୍ତାମାନେ ପ୍ରଶାସନ ନିକଟରେ ଦାବି କରିଥିଲେ। ଏସବୁ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ନଭେମ୍ବର ୩ରେ ଧାମନଗର ଉପନିର୍ବାଚନ ଥିବାରୁ ଚଳିତମାସ ୩୧ ତାରିଖରେ ଭସାଣି କରାଯିବାକୁ ନିଷ୍ପତ୍ତି ହୋଇଛି। ପୂଜା କମିଟି କର୍ମକର୍ତ୍ତା, ଶାନ୍ତି କମିଟି ସଦସ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ ପୋଲିସ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

